## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଖଲ୍ଲିକୋଟ,୧୨।୭(ଡି.ଏନ.ଏ.) ଖଲ୍ଲିକୋଟ ଥାନା ଅନ୍ତର୍ଗତ ଆମ୍ୱଝର, ନୂଆପଲ୍ଲୀ ଓ ତାଳପଡ଼ା ମୁଖ୍ୟରାସ୍ତା କଡ଼ରେ ଥିବା ଆମ୍ୱତୋଟାରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ପାଳଧୁଆପଲି ଗ୍ରାମର ରଞ୍ଜିତ ଗୌଡ଼(୨୬)। ରଞ୍ଜିତ ଜଣେ ଅଟୋଚାଳକ। ମଙ୍ଗଳବାର ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ମୃତଦେହ ଜବତ କରିଥିଲା। ନଂ.୨୨/୨୨ ଅନୁଯାୟୀ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଏହା ଏକ ହତ୍ୟାକାଣ୍ଡ ବୋଲି ମୃତକଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ।

### ପୂର୍ବତନ ବିଡିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଶେରଗଡ଼,୧୨।୭(ଡି.ଏନ୍.ଏ.):ଶେରଗଡ଼ ବ୍ଲକର ପୂର୍ବତନ ବିଡିଓ ଶମ୍ଭୁନାଥ ନନ୍ଦିଙ୍କୁ ବ୍ଲକ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଡିଓ ଭାବେ ଯୋଗଦେଇଥିବା ଡ. ମନୋରଞ୍ଜନ ସାହୁ ଅଧକ୍ଷତା କରିଥିଲେ। ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ଡିଆର୍‌ଡିଏ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇଥିବା ବେଳେ ତହସିଲଦାର ଡ. ଦୟାସିନ୍ଧୁ ପରିଡ଼ା, ସହକାରୀ ଯନ୍ତ୍ରୀ କେଦାରନାଥ ପଣ୍ଡା, ବ୍ଲକ ନିର୍ବାହୀ ଯନ୍ତ୍ରୀ ଆଦିନାରାୟନ ତ୍ରିପାଠୀ ଉପସ୍ଥିତ ରହି ପୂର୍ବତନ ବିଡିଓଙ୍କ ଗତ ୬ ମାସର ସଫଳ କଥା କହିଥିଲେ। ନେତାମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ବ୍ଲକ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ନାୟକ, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ହୀନ ବେହେରା, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ସମୀର ପ୍ରଧାନ, ବରୁଣ ପଲେଇ, ଉଦୟ ନାଥ ପ୍ରଧାନଙ୍କ ସମେତ ବହୁ ନେତା ଯୋଗ ଦେଇଥିଲେ। ୨୨ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଯୋଗଦେଇଥିବା ବେଳେ ପୂର୍ବତନ ବିଡିଓଙ୍କୁ ଫୁଲତୋଡା ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

### ଶ୍ରୀନିବାସ ଗଙ୍ଗା ଏନ୍‌ଏସିର ଏମ୍‌ପି ପ୍ରତିନିଧି

କାଶୀନଗର,୧୨।୭:କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ପ୍ରତିନିଧି ଭାବେ କାଶୀନଗରର ରାଜ୍ୟ ପୁରସ୍କାରପ୍ରାପ୍ତ ଅଗ୍ରଣୀ ଚାଷୀ ଶ୍ରୀନିବାସ ଗଙ୍ଗା ନିଯୁକ୍ତ ହୋଇଛନ୍ତି। ତାଙ୍କୁ ଏମ୍‌ପି ପ୍ରତିନିଧି ଭାବେ ମନୋନୀତ କରିଥିବା ଯୋଗୁ ଗଙ୍ଗା ଏମ୍‌ପିଙ୍କୁ କୃତଜ୍ଞତା ଜ୍ଞାପନ ସହ ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟ ସଫଳ କରିବା ନିମନ୍ତେ ସୂଚନା ଦେଇଛନ୍ତି।

### ବାଲାଜୀ ମହାବିଦ୍ୟାଳୟରେ ବନ ମହୋତ୍ସବ

ଚିକିଟି,୧୨।୭(ଡି.ଏନ.ଏ.): ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମରେ ଅବସ୍ଥିତ ବାଲାଜୀ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ମଙ୍ଗଳବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଆକୁଳାନନ୍ଦ ପାଢ଼ୀ, ଅଧାପକ ଅୟୁସ ମହାନ୍ତି, ଡେମୋନ୍‌ଷ୍ଟ୍ରେଟର ପ୍ରଶାନ୍ତ କୁମାର ପରମଗୁରୁଙ୍କ ଉପସ୍ଥିତିରେ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍‌ର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଚତୁଃପାର୍ଶ୍ୱରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର ଅଧିକାରୀ ଡ. ସୁଦର୍ଶନ ପଟ୍ଟନାୟକ, ଅଧାପକ ରବିନାରାୟଣ ପ୍ରଧାନ, ନିରଞ୍ଜନ ବେହେରା, ସୁଚିତ୍ରା ମହାନ୍ତି, ପିଙ୍କୁ ପ୍ରଧାନ, ସୁଦାମ ବାଡତ୍ୟା, ଯୁଧିଷ୍ଠିର ବେହେରା, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ବନ୍ଦ କରିଦେଲେ କଞ୍ଚାମାଇଁ ସ୍କୁଲ: ୨୨ ପିଲାଙ୍କ ଭବିଷ୍ୟତ ଅନ୍ଧାର

ଫୁଲବାଣୀ ଅଫିସ, ୧୨।୭



ଅଭିଭାବକଙ୍କ ସହ ସ୍କୁଲ ସମ୍ମୁଖରେ ଶିକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ର।

କମ୍ ପିଲା ଥିବା ସ୍କୁଲ ବନ୍ଦ କରି ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଯାଇ କନ୍ଧମାଳ ଜିଲା ପ୍ରଶାସନ ମନମୁଖୀ କାର୍ଯ୍ୟ କରିଛି। ଯାହାଫଳରେ ଆଦିବାସୀ ଅଧ୍ୟୁଷିତ ତଥା ବଣପାହାଡ ଘେରା ଅଞ୍ଚଳର ପିଲାମାନଙ୍କ ପାଠ ପଢ଼ାରେ ଡୋରି ବାନ୍ଧିବାକୁ ପଡ଼ିଛି। ଏଠାରେ ଆବଶ୍ୟକ ସଂଖ୍ୟକ ପିଲା ଥାଇ ମଧ୍ୟ ସ୍କୁଲ ବନ୍ଦ ନିଷ୍ପତ୍ତି ନେବା ପ୍ରଶାସନର ପାରିବାପଣିଆକୁ ପଦାରେ ପକାଇଛି। ବିଦ୍ୟାଳୟ ବନ୍ଦ କଲେ ପିଲାମାନେ କେଉଁଠି ପଢ଼ିବେ, ସେମାନଙ୍କ ଘରଠାରୁ ଅନ୍ୟ ବିଦ୍ୟାଳୟ କେତେ ଦୂର ହେବ ତାହାକୁ ଅଣଦେଖା କରାଯାଇଛି। ଏଭଳି ଘଟଣା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ କଞ୍ଚାମାଇଁ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହି ସ୍କୁଲକୁ ବନ୍ଦ କରିବା ଭଳି ଭୁଲ ନିଷ୍ପତ୍ତି ଯୋଗୁ ଏଠାରେ ପଢୁଥିବା ୨୨ ଛାତ୍ରୀଛାତ୍ରଙ୍କ ଭାଗ୍ୟ ଅନ୍ଧାରକୁ ଠେଲି ହୋଇଯାଇଛି। ଅନ୍ୟପକ୍ଷରେ ୧୧ ଜଣ ପିଲା ସ୍କୁଲରେ ନାମ ଲେଖାଇବାକୁ ଚାହିଁ ବସିଛନ୍ତି।

କଞ୍ଚାମାଇଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ୧୯୭୮ରେ ସ୍ଥାପିତ ହୋଇଥିଲା। ଏଠାରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଶ୍ରେଣୀ ରହିଛି। ୨୦୨୧–୨୨ ଶିକ୍ଷାବର୍ଷରେ ବିଦ୍ୟାଳୟରେ ୨୨ଜଣ ପିଲା ପଢୁଥିଲେ। ସେମାନଙ୍କ ମଧ୍ୟରେ ପ୍ରଥମରେ ୫ଜଣ, ଦ୍ୱିତୀୟରେ ୯ଜଣ, ତୃତୀୟରେ ୪ ଜଣ, ଚତୁର୍ଥରେ ଜଣେ ଓ ପଞ୍ଚମରେ ୩ ଜଣ ଥିଲେ। କୋଭିଡ୍ କଟକଣା ଯୋଗୁ ସ୍କୁଲ ବନ୍ଦ ରହିଥିଲା।୦ ପିଲାମାନଙ୍କୁ ସରକାରଙ୍କ ପକ୍ଷରୁ ମଧ୍ୟାହ୍ନଭୋଜନ ବାବଦ ଚାଉଳ ଏବଂ ଅନ୍ୟାନ୍ୟ ସାମଗ୍ରୀ, ବହି, ଡ୍ରେସ ଯୋଗାଇ ଦିଆଯାଇଥିଲା। ସରକାରଙ୍କ ନିଷ୍ପତ୍ତି ପ୍ରକାରେ ଗତ ଫେବୃୟାରୀ ୨୮ରେ ସ୍କୁଲ ଖୋଲିଥିଲା। ପିଲାମାନେ ସ୍କୁଲକୁ ଆସିଲେ ହେଲେ କୌଣସି ଶିକ୍ଷକ ଆସିଲେ ନାହିଁ। ଅଭିଭାବକମାନେ ଏ ନେଇ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରେ ସରକାରଙ୍କ ନିଷ୍ପତ୍ତି ଅନୁସାରେ ସ୍କୁଲରେ କମ ପିଲା ଥିବାରୁ ତାହାକୁ ବନ୍ଦ କରି ନିକଟସ୍ଥ କଡପଙ୍ଗା ବିଦ୍ୟାଳୟରେ ମିଶାଇ ଦିଆଯାଇଛି ବୋଲି କହିଥିଲେ। ସେବେଠାରୁ ଗ୍ରାମବାସୀ ବିଡିଓଙ୍କଠାରୁ ଆରମ୍ଭ କରି ଜିଲାପାଳ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅବଗତ କରି ଆସୁଥିଲେ ମଧ୍ୟ ଏ ଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ଚଳିତ ଶିକ୍ଷାବର୍ଷରେ ଏହି ପିଲାମାନେ କେଉଁଠି ନାମ ନ ଲେଖାଇ ଘରେ ବସିଛନ୍ତି।ଏହି ବିଦ୍ୟାଳୟରେ କଞ୍ଚାମାଇଁ, ଡୁଣ୍ଡୁଣୁମୁଣ୍ଡା, ମାଣ୍ଡିବାଲା ଗ୍ରାମର ପିଲାମାନେ ପାଠ ପଢ଼ନ୍ତି। କଞ୍ଚାମାଇଁ ଗ୍ରାମକୁ ଛାଡିଲେ ଅନ୍ୟ ଗ୍ରାମ ସେଠାରୁ ୨ରୁ ୪ କିମି ଦୂର। ପିଲାମାନେ ନାଳ, ପାହାଡ ଆଦି ଜଙ୍ଗଲିଆ ରାସ୍ତା ଅତିକ୍ରମ କରି ବିଦ୍ୟାଳୟକୁ ପାଠ ପଢ଼ିବା ପାଇଁ ଆସନ୍ତି। ସ୍କୁଲକୁ ବନ୍ଦ କରି ପିଲାମାନଙ୍କୁ କଡପଙ୍ଗା ସ୍କୁଲରେ ପଢ଼ିବା ପାଇଁ ପ୍ରଶାସନ ଯେଉଁ ବ୍ୟବସ୍ଥା କରିଛି ତାହା ଆହୁରି ୬ କିମି ଦୂର। ଅର୍ଥାତ ଯେଉଁ ପିଲାମାନେ ୪ କି.ମି. ଦୂରରୁ ଆସୁଥିଲେ ସେମାନଙ୍କୁ ୧୦ କି.ମି. ଯିବାକୁ ପଡିବ। ଯାହାକି ପିଲାଙ୍କ ପାଇଁ ସମ୍ଭବ ନୁହେଁ।ମାଣ୍ଡିବାଲାର ସ୍ୱପ୍ନେଶ୍ୱର ପ୍ରଧାନ, ସମିତି ସଭ୍ୟ କାଳିଆ କହଁର, ବାବୁଲା ଅମାତ, ଡୁଣ୍ଡୁଣୁମୁଣ୍ଡାର ଉତ୍ତରା କହଁର ପ୍ରମୁଖ କହିଛନ୍ତି ଯେ, ସ୍କୁଲ ବନ୍ଦ ବିଷୟରେ ଆମକୁ କିଛି ଅବଗତ କରାଯାଇ ନାହିଁ କି କେହି ଅଧିକାରୀ ଆସି ପ୍ରକୃତ ଘଟଣା ଦେଖିନାହାନ୍ତି। ସରକାର ହେଉ କି ପ୍ରଶାସନ, କେହି ଚାହୁଁ ନାହାନ୍ତି ଆମ ପିଲା ପାଠ ପଢ଼ନ୍ତୁ। ନ ହେଲେ ଏଭଳି ବିଚିତ୍ର ନିଷ୍ପତି ନେଇ ନ ଥାନ୍ତେ। ଏ ନେଇ ଫିରିଙ୍ଗିଆ ବିଡିଓ ରଶ୍ମି ରଞ୍ଜନ ମହାନ୍ତଙ୍କୁ ପଚାରିବାରେ କେଉଁ ସ୍କୁଲରେ କମ୍ ପିଲା ଅଛନ୍ତି ତାହାର ତାଲିକା ଦେବାକୁ ୨୦୧୯କୁ ଶେଷ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା। ଏହି ବିଦ୍ୟାଳୟରେ ଯଦି କେଉଁ ବର୍ଷ ପିଲା ସଂଖ୍ୟା ୧୫ରୁ କମ୍ ଥିବେ ତାହାଲେ ସେହି ସମୟ ସୀମା ଅନୁସାରେ ନିଷ୍ପତ୍ତି ନିଆଯାଇଥିବ। ଏବେ ସରକାରଙ୍କୁ ଏହି ବିଦ୍ୟାଳୟ ପୁନଃ ଚାଲୁ କରିବାକୁ ପ୍ରସ୍ତାବ ଦେବୁ। ପିଲାମାନେ ନିକଟସ୍ଥ ସ୍କୁଲରେ ନାମ ଲେଖାନ୍ତୁ। ପାଠ ପଢ଼ାଇବା ପାଇଁ କଞ୍ଚାମାଇଁ ବିଦ୍ୟାଳୟକୁ ଶିକ୍ଷକ ପଠାଇବା ବ୍ୟବସ୍ଥା କରିବୁ। ସରକାରଙ୍କ ନିୟମ ଅନୁସାରେ ପିଲା ସଂଖ୍ୟା ଯଦି ଠିକ୍ ଥିବ ତାହାଲେ ସ୍କୁଲ ପୁନଃ ଚାଲିବାରେ କିଛି ଅସୁବିଧା ନାହିଁ ବୋଲି ପ୍ରକାଶ କରିଛନ୍ତି।

## ସାଇବର ଠକ ଗିରଫ: ଏଟିଏମ୍, ମୋବାଇଲ ଜବତ

ଫୁଲବାଣୀ ଅଫିସ, ୧୨।୭

ମିଥ୍ୟା ମେସଜ ଦେଇ ହଜାର ହଜାର ଟଙ୍କା ଠକି ନେଇଥିବା ସାଇବର ଠକଙ୍କୁ ଫୁଲବାଣୀ ସାଇବର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା କୁଭିଲୋ ଗ୍ରାମର ଅକ୍ଷୟ ଦାସ (୨୪)। ଅଭିଯୁକ୍ତଙ୍କଠାରୁ ୫ ଏଟିଏମ, ୫ ମୋବାଇଲ ଓ ୨ ପାସବୁକ ଜବତ କରାଯାଇଛି। ବ୍ୟାଙ୍କ ପାସ୍‌ବୁକ ଗୁଡିକୁ ପୋଲିସ ଅଚଳ କରିଛି। ମିଳିଥିବା ସୂଚନା ଅନୁସାରେ, ଜିଏସ୍‌ଟି ଓ ଷ୍ଟେଟ ବ୍ୟାଙ୍କ ନାମରେ ମିଛ ମେସେଜ ଦେଇ ଲୋକମାନଙ୍କୁ ଅକ୍ଷୟ ଠକୁଥିଲେ। ଦାରିଙ୍ଗିବାଡ଼ିର ଧର୍ମେନ୍ଦ୍ର ପ୍ରଧାନଙ୍କଠାରୁ ୭୦ ହଜାର ଟଙ୍କା ଓ ଗୋଛାପଡ଼ା ଥାନା କୋଇରିମାଣ୍ଡ ଅଞ୍ଚଳର ସସ୍ମିତା ଦିଗାଲଙ୍କ ଆକାଉଣ୍ଟରୁ ୨୦ ହଜାର ଟଙ୍କା ମେସେଜ ଦ୍ୱାରା ଠକି ନେଇଥିଲେ। ଏ ନେଇ ଉଭୟ ଗତ ଜୁଲାଇ ୧୦ରେ ଫୁଲବାଣୀ ସାଇବର ଥାନାରେ ଏତଲା ଦେଇଥିଲେ। ଅକ୍ଷୟ ଜଣଙ୍କୁ ୨୫ ଲକ୍ଷ ଲଟେରୀ ଉଠିଛି କହି ଏଟିଏମ ତଥ୍ୟ ନେବା ପରେ ଆକାଉଣ୍ଟରୁ ଟଙ୍କା ଲୁଟି ନେଇଥିଲେ। ଏସ୍‌ପି ବିନିତ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ସାଇବର ଥାନା ଇନ୍‌ସପେକ୍ଟର ସମୀର କୁମାର ରାଉତଙ୍କ ନେତୃତ୍ୱରେ ଏକ ଟିମ ଭୁବନେଶ୍ୱର ଯାଇଥିଲା। ସେଠାରେ ଦୁଇ ଦିନ ରହି ଭରତପୁର ଅଞ୍ଚଳରୁ ଅକ୍ଷୟଙ୍କୁ ଗିରଫ କରିଥିଲା।

# ତହସିଲଦାରଙ୍କ ବଦଳି ଦାବିରେ ବିକ୍ଷୋଭ

## ବ୍ଲକ ଅଫିସ ସମ୍ମୁଖରେ ଅଞ୍ଚଳବାସୀଙ୍କ ଗଣଧାରଣା

ଗଞ୍ଜାମ,୧୨।୭(ଡି.ଏନ.ଏ.)


ଅଞ୍ଚଳବାସୀଙ୍କ ଶୋଭାଯାତ୍ରା।

ବିଭିନ୍ନ ସମୟରେ ବିଭିନ୍ନ ବିବାଦରେ ଛନ୍ଦି ହୋଇ ପଡ଼ିଥିବା ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକଙ୍କ ପାଇଁ ଅଡୁଆ ଏବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତ୍ରିବେଣୀ ମଠ ଛକଠାରେ ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ୍ୱ ରହିଆସୁଥିବା କନ୍ଧ ଶତପଥୀଙ୍କ ଘର ଭାଙ୍ଗିବାକୁ ଜେସିବି ମେଶିନ ଧରି ଆସିବା ତହସିଲଦାରଙ୍କୁ ମହଙ୍ଗା ପଡ଼ିଛି। ସ୍ଥାନୀୟ ଅଞ୍ଚଳବାସୀ ଏହାର ଘୋର ବିରୋଧ କରିଥିଲେ। ତା'ପରଠାରୁ ତହସିଲଦାର ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଶୀତଳ ଯୁଦ୍ଧ। ଏ ନେଇ ତହସିଲଦାରଙ୍କ ଅନ୍ୟାୟ, ଦୁର୍ନୀତି ଓ ଆକ୍ରୋଶମୂଳକ କାର୍ଯ୍ୟକୁ ପ୍ରତିବାଦ କରି ମଙ୍ଗଳବାର ଅଞ୍ଚଳବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭକାରୀମାନେ ତହସିଲଦାର ହଟାଓ ଗଞ୍ଜାମ ବଞ୍ଚାଓ ଦାବିରେ ଏନ୍‌ଏସି ଅଫିସ ଆଗରୁ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବାହାରି ତ୍ରିବେଣୀ ମଠ ଛକ ଦେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସ୍ଥାନୀୟ ଜନସାଧାରଣ ଗଣଧାରଣାରେ ବସିଥିଲେ। ତହସିଲଦାରଙ୍କୁ ତୁରନ୍ତ ବଦଳି ଦାବି ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଗଞ୍ଜାମ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ଡାକରା କିଛି ମାତ୍ରାରେ ସଫଳ ହୋଇଥିବା ସହରରେ ଚର୍ଚ୍ଚା ହେଉଛି। ଏହି ବନ୍ଦ ଡାକରା ନେଇ ସହରରେ ଔଷଧ ଦୋକାନକୁ ଛାଡି ବଡ଼ ବଜାରଠାରେ ଥିବା ଦୋକାନଗୁଡିକ ବନ୍ଦ ରହିଥିବା ବେଳେ ପୂର୍ବରୁ ବନ୍ଦ ଡାକରାକୁ ସମର୍ଥନ କରି ନ ଥିବା ସାନ ବଜାରରେ ଅଧିକାଂଶ ଦୋକାନ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ଏହି ବିକ୍ଷୋଭ ପରିଦର୍ଶନ ବେଳେ ଆଇନଜୀବୀ ଦିଲ୍ଲୀପ କୁମାର ପଟ୍ଟନାୟକ, ଲକ୍ଷ୍ମୀ ଚରଣ ପାଢ଼ୀ, ସୁଦାମ ଚରଣ ଜେନା, ସନ୍ତୋଷ ଗୌଡ଼, ଭଗବାନ ପ୍ରଧାନ, ଚୁନା ଶତପଥୀ, ଶୁଭ ପଟ୍ଟନାୟକ, ଗୌରୀ ପାଢ଼ୀ, ଅରୁଣ ପଣ୍ଡା, ଦାଶରଥି ଦୋରା, ଶ୍ରୀକାନ୍ତ ପଣ୍ଡାଙ୍କ ସମେତ ବ୍ୟବସାୟୀମାନେ ଯୋଗ ଦେଇଥିଲେ। ଦୁର୍ନୀତିଗ୍ରସ୍ତ ତହସିଲଦାରଙ୍କୁ ବଦଳି ପାଇଁ ଜିଲାପାଳ, ଉପଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଯଦି ଏକ ସପ୍ତାହ ମଧ୍ୟରେ ଏହା କାର୍ଯ୍ୟକାରୀ ନ ହୁଏ ତା'ହେଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ବିକ୍ଷୋଭକାରୀ କହିଛନ୍ତି।

## ପରୀକ୍ଷା ପାଇଁ ଓୟୁଏଟି ଗଲା ବିଭିନ୍ନ ଅଂଶ

### ଦନ୍ତାହାତୀ ମୃତ୍ୟୁ ଘଟଣା

ଭଞ୍ଜନଗର,୧୨।୭(ଡି.ଏନ.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜରେ ଗତ ୬ ତାରିଖରେ ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଥିଲା। ହାତୀର ଦାନ୍ତ ନ ଥିବାରୁ କୌଣସି ଶିକାରୀ ଗୁଳିକରି ହାତୀ ମାରିବା ପରେ ଦାନ୍ତ ନେଇଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ମୃତହାତୀ ବିଭିନ୍ନ ଅଂଶ ଯଥା ମାଂସ, ଲିଭର, କିଡ୍‌ନି ପରୀକ୍ଷା ପାଇଁ ମଙ୍ଗଳବାର ଭୁବନେଶ୍ୱର ସ୍ଥିତ ଓୟୁଏଟିକୁ ପଠାଯାଇଛି। ହାତୀ ମୃତଦେହ ମିଳିବାର ୬ଦିନ ବିତିଯାଇଥିଲେ ମଧ୍ୟ ଶିକାରୀମାନଙ୍କୁ କାବୁ କରିବାରେ ବନ ବିଭାଗ ସଫଳ ହୋଇପାରିନାହିଁ। ଏକାଧିକ ଲୋକଙ୍କୁ ସନ୍ଦେହରେ ଆଣି ପଚରାଉଚରା ଚାଲିଛି। ତଦନ୍ତରେ ଅଗ୍ରଗତି ହେଉଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଦୃଢ଼ ପ୍ରମାଣ ଯୋଗାଡ଼ କରିବା ପାଇଁ ବିଭାଗୀୟ କର୍ମଚାରୀମାନେ ଚେଷ୍ଟା ଚଳାଇଛନ୍ତି। ଅଭିଯୁକ୍ତଙ୍କ ସମ୍ପର୍କରେ ତଥ୍ୟ ପାଇଛି ବନ ବିଭାଗ। ଦିନେ ଦୁଇଦିନ ମଧ୍ୟରେ ସେମାନଙ୍କୁ ଠାବ କରି ଗିରଫ କରାଯିବା ସମ୍ଭାବନା ରହିଛି। ଅପରପକ୍ଷେ କାର୍ଯ୍ୟରେ ଅବହେଳା ଅଭିଯୋଗରେ କିଛି କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସମ୍ଭାବନା ରହିଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କେତେଜଣ କର୍ମଚାରୀଙ୍କ ପର୍ସନାଲ ଫାଇଲ ମଗାଇଥିବା ଜଣାପଡ଼ିଛି।

## ଉପାଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ କଲେ ବିଧାୟିକା


ବିଧାୟିକା ଉପାଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି।

ପୁରୁଷୋତ୍ତମପୁର,୧୨।୭(ଡି.ଏନ.ଏ.)

ପୁରୁଷୋତ୍ତମପୁର ଏନ୍‌ଏସିରେ ନବନିର୍ମିତ ଉପାଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠକୁ ମଙ୍ଗଳବାର ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ ଓ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ବରିଷ୍ଠ ବିଜେଡି ନେତା ଡାକ୍ତର ଗୋପାଳ କୃଷ୍ଣ ପଟ୍ଟନାୟକ, ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର, ନଗର ବିଜେଡି ସଭାପତି ପ୍ରଭାତ କୁମାର ପଟ୍ଟନାୟକ, ଜିଲା ଯୁବ ବିଜେଡି ଉପସଭାପତି ପ୍ରେମାନନ୍ଦ ସାହୁ, ନଗର ଯୁବ ବିଜେଡି ସଭାପତି ମନୋଜ କୁମାର ଗୌଡ଼, କାଉନ୍‌ସିଲର ଅଶୋକ କୁମାର ମହାକୁଡ, ଲିଙ୍ଗରାଜ ବେହେରା, ଅରୁଣ କୁମାର ମହାକୁଡ, ଯମୁନା ବେହେରା, ଗିରିଜା ବେହେରା, କେ. ପ୍ରମୋଦ କୁମାର ଆଚାରି ପ୍ରମୁଖ ଯୋଗଦେଇଥିଲେ।

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

## ଜେଜେମା, ନାତୁଣୀ ହତ୍ୟା ମାମଲା

ଛତ୍ରପୁର/ହିଞ୍ଜିଳିକାଟୁ, ୧୨।୭(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ମଙ୍ଗଳବାର ହିଞ୍ଜିଳି ଥାନା ବାଦିଆମ୍ୱଗାଁରେ ଘଟିଥିବା ଆଈ, ନାତୁଣୀ ହତ୍ୟା ମାମଲାର ଶୁଣାଣି ହୋଇଛି। ୧୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଗ୍ରହଣ କରି ଅତିରିକ୍ତ ଜିଲା ଦୌରାଜଜ୍ ରାଜା ରଞ୍ଜନ ପାଢୀ ଅଭିଯୁକ୍ତ ରଞ୍ଜନ ସେଠୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲ୍ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ବାଦିଆମ୍ୱଗାଁ ଖଳାସାହିର ଦୁଇ ପଡୋଶୀ ମିଟୁ ସେଠୀ ଓ ରଞ୍ଜନ ଦୂର ସମ୍ପର୍କୀୟ। କୌଣସି ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ରହିଥିଲା। ୨୦୧୭ ଡିସେମ୍ବର ୧୦ତାରିଖରେ ମିଟୁ କୌଣସି କାମରେ ଅନ୍ୟ ଗ୍ରାମକୁ ଯାଇଥିଲେ। ମିଟୁଙ୍କ ଝିଅ ଶ୍ରୀୟା ଓ ଝିଆରୀ ରୁଚିଙ୍କୁ ଧରି ଜେଜେମା' କମା ଘରେ ଥିଲେ। ଏହି ସମୟରେ ରଞ୍ଜନ କୌଣସି କଥାକୁ ନେଇ କମାଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସେ ଉତ୍ତ୍ୟକ୍ତ ହୋଇ ଏକ କାତିରେ ତାଙ୍କୁ ଆକ୍ରମଣ କରିଥିଲେ। ଜେଜେମା'ଙ୍କୁ ଆକ୍ରମଣ ବେଳେ ୪ ବର୍ଷର ଶିଶୁକନ୍ୟା ଶ୍ରୀୟା ସାମ୍ନାକୁ ଆସିଯିବାରୁ ରଞ୍ଜନ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ରୁଚି ସେଠାରୁ ଦୌଡି ପଳାଇଥିଲେ। ଚିତ୍କାର ଶୁଣି ଗାଁଲୋକେ ପହଞ୍ଚି ରଞ୍ଜନଙ୍କୁ କାବୁ କରବା ସହ ଗୁରୁତର ଜେଜେମା' ଓ ନାତୁଣୀ ଶ୍ରୀୟାଙ୍କୁ ପ୍ରଥମେ ହିଞ୍ଜିଳିକାଟୁ ଓ ପରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଅଭିଯୁକ୍ତ ରଞ୍ଜନଙ୍କୁ ତତ୍କାଳୀନ ହିଞ୍ଜିଳି ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏ ନେଇ ନଂ. ହିଞ୍ଜିଳି ଥାନାରେ ନଂ.୨୭୫/୧୭ ରେ ଏକ ମାମଲା ଦାଖଲ କରାଯାଇଥିଲା। ଛତ୍ରପୁର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଏସଟି ୧୦୬/୧୮ ରେ ଏକ ମାମଲା ରୁଜୁ ହୋଇ ବିଚାର ଚାଲିଥିଲା। ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି। ମାମଲାକୁ ଅତିରିକ୍ତ ପିପି ରଶ୍ମିରେଖା ଦେଓ ପରିଚାଳନା କରିଥିବା ବେଳେ ସରକାରୀ ଓକିଲ ଉମିନାଥ ସାହୁ ସହଯୋଗ କରିଥିଲେ।

## ୩ ଦିନ ଧରି ଅନ୍ଧାରରେ କୋଟଗଡ଼

କୋଟଗଡ,୧୨।୭(ଡି.ଏନ୍.ଏ.)

କୋଟଗଡ଼ ବ୍ଲକରେ ତିନି ଦିନ ଧରି ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ଫଳରେ କୌଣସି ସରକାରୀ କାର୍ଯ୍ୟ କରିବାରେ ବାଧାସୃଷ୍ଟି ହେଉଛି। ଏପଟେ ବର୍ଷା ଲାଗି ରହିଥିବା ବେଳେ ବିଦ୍ୟୁତ୍ ନ ରହିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ ବିଭାଗ ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। କୋଟଗଡ଼ ବ୍ଲକରେ ଦିନ ଦିନ ଧରି ବିଦ୍ୟୁତ୍ ସେବା ବନ୍ଦ ଥିଲେ ମଧ୍ୟ ବିଭାଗୀୟ କର୍ମଚାରୀ ଚୁପ୍ ବସିଛନ୍ତି।

## ରାମଗିରି ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ ଅତିଥି।

ରାମଗିରି,୧୨।୭(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ ରାମଗିରି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ–ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଠାରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ପ୍ରଧାନ ଶିକ୍ଷକଙ୍କ ନିମନ୍ତ୍ରଣରେ ଶତାଧିକ ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷାର ମାନଦଣ୍ଡ ବୃଦ୍ଧି, ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ଛାତ୍ରୀଛାତ୍ର ସହିତ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରି ଶିକ୍ଷା କ୍ଷେତ୍ରରେ ବିକାଶ କରିବା ଆଦି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଭାରପ୍ରାପ୍ତ ଅଧ୍ୟକ୍ଷ ଭି. ଗିରିବାବୁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଏନ୍. ସୁରେଶ ଚନ୍ଦ୍ର, ଯୁକ୍ତ ୨ ବିଜ୍ଞାନ ବିଭାଗର ସମସ୍ତ ଅଧ୍ୟାପକ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ, ଏନ୍‌ଏନ୍‌ଏମ୍, ମାଟ୍ରୋନ ଓ ସମସ୍ତ କର୍ମଚାରୀ ସହ ବିଦ୍ୟାଳୟ ପରିଚାଳନା ସଭାପତି ରଘୁ ବଡ଼ମୁଣ୍ଡି ଓ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ସଫଳ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

# ଉପାନ୍ତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା

## ଗଜପତି ଜିଲାର ୪ ଲକ୍ଷ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ

ପାରଳାଖେମୁଣ୍ଡି,୧୨।୭(ଡି.ଏନ୍.ଏ.)

ଗଜପତି ଜିଲାରୁ ଦୂର ହେବ ପାନୀୟ ଜଳର ସମସ୍ୟା। ଘରେ ଘରେ ପହଞ୍ଚିବ ବିଶୁଦ୍ଧ ପାନୀୟ ଜଳ। ଶୀଘ୍ର କାର୍ଯ୍ୟକ୍ଷମ ହେବ ମେଗା ପାନୀୟ ଜଳ ପ୍ରକଳ୍ପ। ଦ୍ରୁତ ଗତିରେ ଚାଲିଛି ଏହାର ନିର୍ମାଣ କାର୍ଯ୍ୟ। ଏଠି ସଫଳତାର ଦିଗକୁ ଗତି କରୁଛି ରାଜ୍ୟ ସରକାରଙ୍କ ଯୋଜନା ଘର ଘରକୁ ପାଣି। ପୂରଣ ହେବାକୁ ଯାଉଛି ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି। ଜିଲାରେ ଘରେ ଘରେ ପହଞ୍ଚିବ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ। ଏଥିପାଇଁ ଜିଲାରେ ଦୁଇଟି ମେଗା ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି ସରକାର। ବ୍ୟୟ ହେବ ୮୦୦ କୋଟିରୁ ଊର୍ଦ୍ଧ୍ୱ। ଗୋଟିଏ ହେଉଛି ପାଲସିଂ ପ୍ରକଳ୍ପ, ଯାହା କାଶୀନଗର ବ୍ଲକ ଅନ୍ତର୍ଗତ ପାଲସିଂ ନିକଟ ବଂଶଧାରା ନଦୀଠାରେ ନିର୍ମାଣ ହେଉଛି ମେଗା ପ୍ରକଳ୍ପ। ୧୨୬ କୋଟି ବ୍ୟୟରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପ ଦ୍ୱାରା କାଶୀନଗର ବ୍ଲକର ୧୨ ପଞ୍ଚାୟତର ୮୭ ଗ୍ରାମ ଓ ଗୁମ୍ମା ବ୍ଲକର ୫ ପଞ୍ଚାୟତର ୧୬ ଗ୍ରାମର ମୋଟ ୧୩ ହଜାର ପରିବାରକୁ ପାଣି ସଂଯୋଗ ଦିଆଯିବ। ଯେଉଁଥିରେ ୬୭ ହଜାର ଜନସାଧାରଣ ଉପକୃତ ହେବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପର ପାଇପ ସଂଯୋଗୀକରଣ କାମ ଶତକଡା ୮୧ ଭାଗ ଶେଷ ହୋଇଥିବା ବେଳେ ବଂଶଧାରା ନଦୀ କୂଳର ଇଣ୍ଟେକ ୱେଲ ଓ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଅବଶିଷ୍ଟ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ ହେବା ନେଇ ଜିଲା ସ୍ତରୀୟ ପାନୀୟ ଜଳର ସମୀକ୍ଷା ବୈଠକରେ ସୂଚନା ଦିଆଯାଇଛି। ସେହିଭଳି ୬୨୨ କୋଟି ଟଙ୍କା ବ୍ୟୟରେ ମୋହନା ବ୍ଲକ, ଅଡବା ପଞ୍ଚାୟତର ହରଭଙ୍ଗି ଜଳ ଭଣ୍ଡାର ନିକଟ ଝିଲିକିଠାରେ ନିର୍ମିତ ପ୍ରକଳ୍ପରୁ କନ୍ଧମାଳ ଜିଲାର ୨ ପଞ୍ଚାୟତ ସମେତ ଗଜପତି ଜିଲାର ମୋହନା ବ୍ଲକର ୩୯ ପଞ୍ଚାୟତର ୪୮୦ ଗ୍ରାମର ୩୧୮୦୮ ବାସଗୃହକୁ ପାଇପ ସଂଯୋଗ କରାଯିବ ଏବଂ ରା. ଉଦୟଗିରି ଓ ନୂଆଗଡ଼ ବ୍ଲକର ୩୬ ପଞ୍ଚାୟତର ୪୦୨ ଗ୍ରାମର ମୋଟ ୩୨୪୧୩ ବାସଗୃହକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥି ସହ ଗୁମ୍ମା ବ୍ଲକର ୫ଟି ପଞ୍ଚାୟତର ୩୮ ଗ୍ରାମର ୨୧୩୫ ଘରକୁ ପାନୀୟ ଜଳ ଯୋଗାଇ ଦିଆଯିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାଦ୍ୱାରା ଜିଲାର ମୋଟ ୪ଲକ୍ଷ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ। ଏନେଇ ସମସ୍ତ ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି। ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜଣାପଡିଛି। ତେବେ ୨୦୨୩ ମାର୍ଚ୍ଚ ସୁଦ୍ଧା ଘର ଘରକୁ ପାଇପ ସଂଯୋଗ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏ ନେଇ ଜିଲା ଓ ବ୍ଲକ ସ୍ତରରେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଉଛି। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ସମସ୍ତ ପ୍ରକାର ସହଯୋଗ କରାଯାଉଥିବା କହିଛନ୍ତି ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା। ଉପାନ୍ତ ତଥା ବନଘେରା ପାହାଡିଆ ଅଞ୍ଚଳରେ ସମସ୍ତ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ। ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ନେଇ ଦ୍ରୁତ ଗତିରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି ବିଭାଗ। ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ନେଇ ଆଶା କରାଯାଉଛି।

